# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVII YEAR OF OUR LORD JESUS CHRIST, 2026 JANUARY No.11


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଯୋୟେଲ ୨:୨୧-୨୬)

୨୧ ହେ ଦେଶ, ଭୟ କର ନାହିଁ, ଉଲ୍ଲସିତ ହୋଇ ଆନନ୍ଦ କର; କାରଣ ସଦାପ୍ରଭୁ ମହତ୍ କର୍ମମାନ କରିଅଛନ୍ତି ।

୨୨ ହେ କ୍ଷେତ୍ରସ୍ଥ ପଶୁଗଣ, ତୁମ୍ଭେମାନେ ଭୟ କର ନାହିଁ; କାରଣ ପ୍ରାନ୍ତରସ୍ଥ ଚରାଣି-ସ୍ଥାନସବୁ ଅଙ୍କୁରିତ ହେଉଅଛି, ବୃକ୍ଷ ଫଳ ଧରୁଅଛି, ଡିମିରି ବୃକ୍ଷ ଓ ଦ୍ରାକ୍ଷାଲତା ଆପଣା ଶକ୍ତି ପ୍ରକାଶ କରୁଅଛି ।

୨୩ ଏଥିପାଇଁ ହେ ସିୟୋନର ସନ୍ତାନଗଣ, ତୁମ୍ଭେମାନେ ଉଲ୍ଲସିତ ହୁଅ ଓ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କ-ଠାରେ ଆନନ୍ଦ କର; କାରଣ ସେ ତୁମ୍ଭମାନଙ୍କୁ ଯଥା ପରିମାଣରେ ଆଦ୍ୟ ବୃଷ୍ଟି ଦିଅନ୍ତି ଓ ସେ ତୁମ୍ଭମାନଙ୍କ ନିମନ୍ତେ ବୃଷ୍ଟି ବର୍ଷାନ୍ତି, ଆଦ୍ୟ ବୃଷ୍ଟି ଓ ଶେଷ ବୃଷ୍ଟି ପ୍ରଥମ ମାସରେ ।

୨୪ ପୁଣି, ତୁମ୍ଭମାନଙ୍କର ଖଳାସବୁ ଗହମରେ ପରିପୂର୍ଣ୍ଣ ହେବ ଓ କୁଣ୍ଡସବୁ ଦ୍ରାକ୍ଷାରସ ଓ ତୈଳରେ ଉଚ୍ଛୁଳି ପଡ଼ିବ ।

୨୫ ଆଉ, ଆମ୍ଭେ ତୁମ୍ଭମାନଙ୍କ ମଧ୍ୟକୁ ଆପଣାର ଯେଉଁ ମହା ସୈନ୍ୟଦଳ, ଅର୍ଥାତ୍ ପଙ୍ଗପାଳ, ପତଙ୍ଗ, ଘୁର୍ଘୁରିଆ ଓ ଶୁକକୀଟ ପଠାଇଲୁ, ସେମାନେ ଯେଉଁ ବର୍ଷର ଶସ୍ୟାଦି ଖାଇଅଛନ୍ତି, ତାହା ଆମ୍ଭେ ତୁମ୍ଭମାନଙ୍କୁ ଫେରାଇ ଦେବା ।

୨୬ ତହିଁରେ ତୁମ୍ଭେମାନେ ପ୍ରଚୁର ରୂପେ ଭୋଜନ କରି ପରିତୃପ୍ତ ହେବ ଓ ଯେ ତୁମ୍ଭମାନଙ୍କ ପ୍ରତି ଆଶ୍ଚର୍ଯ୍ୟ ବ୍ୟବହାର କରିଅଛନ୍ତି, ତୁମ୍ଭେମାନେ ସେହି ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ନାମର ପ୍ରଶଂସା କରିବ ଓ ଆମ୍ଭର ଲୋକମାନେ କଦାପି ଲଜ୍ଜିତ ନୋହିବେ ।

## ଆପଣ ଯାହା ହରାଇଛନ୍ତି, ତାହାକୁ ଏହି ନୂତନ ବର୍ଷରେ ପୁନଃଦାବୀ କରିପାରିବେ !

## YOU CAN RECLAIM WHAT YOU LOST IN THIS NEW YEAR!

ସୁରମା ସାମୁଏଲ୍





ଆପଣମାନଙ୍କୁ ଗୋଟିଏ ଅତି ସୁଖମୟ ଓ ଆଶୀର୍ବାଦମୟ ୨୦୨୬ ବର୍ଷ ପାଇଁ ଶୁଭକାମନା ।

"ଆହ୍ୱାନର ପ୍ରତିଧ୍ୱନି" ମୁଖ୍ୟ କାର୍ଯ୍ୟାଳୟରୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ପାଣ୍ଠ୍ୟଚିତନକ ନାମରେ ଅଭିବାଦନ ଓ ଶୁଭେଚ୍ଛା ।

ଆମେ ନୂତନ ବର୍ଷ ମଧ୍ୟରେ ପ୍ରବେଶ କରୁଥିବା ସମୟରେ, କ'ଣ ଘଟିଥିଲା, ତାହା ଜାଣିବା ପାଇଁ ପଛକୁ ଫେରି ଚାହିଁବା ଓ ଆଗରେ କ'ଣ ଅଛି, ତାହାକୁ ଅପେକ୍ଷା କରିବା ସ୍ୱାଭାବିକ ବିଷୟ ଅଟେ । କେତେଗୁଡ଼ିଏ ବର୍ଷ ଯୁଦ୍ଧ ସଦୃଶ ମନେହୁଏ, ଅନ୍ୟ କେତେକ ସଫଳତାର ସମୟ ହୋଇ ରହିଥାଏ । ୧ ବଂଶାବଳି ୧୮:୧ ଆମକୁ ଏହା ସ୍ମରଣ କରାଇ ଦିଏ ଯେ "ଅନନ୍ତର ... ଈଶ୍ୱର ସ୍ୱର୍ଗୀୟ ପରିବର୍ତ୍ତନ ଆଣିଥିଲେ – ଏପରି ଏକ ସମୟ ଆସିଥିଲା ଯେତେବେଳେ ଶେଷରେ ବିଜୟ ଘଟିଥିଲା ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)


ଆହ୍ୱାନର ପ୍ରତିଧ୍ୱନିର



ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍ଭାରାଜଙ୍କ ସହିତ

୫ ମିନିଟ୍ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

* Please Subscribe and Share *

ECHO OF HIS CALL - (Marching towards 60th year)
Estd. 1969

# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



"... ବର୍ଷର ଆରମ୍ଭରୁ ବର୍ଷର ଶେଷ ପର୍ଯ୍ୟନ୍ତ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଦୃଷ୍ଟି ତହିଁ ଉପରେ ସର୍ବଦା ଥାଏ" ।

- ଦ୍ୱିତୀୟ ବିବରଣ ୧୧:୧୨



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅନିଶ୍ଚିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr.Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.
EDITOR, PUBLISHER & PRINTER

Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

ପ୍ରଭୁରେ ପ୍ରିୟ ଭାଇ ଓ ଭଉଣୀମାନେ,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ବହୁମୂଲ୍ୟ ନାମରେ ଆପଣମାନଙ୍କୁ ଅଭିବାଦନ । ଆମେ ଆପଣମାନଙ୍କୁ ଓ ଆପଣମାନଙ୍କର ପରିବାରବର୍ଗଙ୍କୁ ଏକ ଆଶୀର୍ବାଦଯୁକ୍ତ ଓ ଉନ୍ନତ ନୂଆ ବର୍ଷ ପାଇଁ ଶୁଭେଚ୍ଛା ଜଣାଉଅଛୁ ।



ମଣ୍ଡଳୀ ନେତା ଓ ପ୍ରାଚୀନମାନଙ୍କର ସଭା

ଆମ ମଧ୍ୟରୁ ଅନେକ ଲୋକ ହୁଏତ ଗତବର୍ଷ ଅନେକ କଷ୍ଟ ଓ ଅସୁବିଧାର ସମ୍ମୁଖୀନ ହୋଇଥିବେ ଓ ବେଳେବେଳେ ଈଶ୍ୱର ନୀରବ ଥିବା ଭଳି ମନେ ହୋଇଥିବ । ମାତ୍ର ଆମେ ଧର୍ମଶାସ୍ତ୍ରରେ ପଢ଼ିଅଛୁ ଯେ, ଯୋଷେଫଙ୍କୁ ଗର୍ତ୍ତରୁ ରାଜ ପ୍ରାସାଦକୁ ଉନ୍ନୀତ କରାଯାଇଥିଲା, ଆଉ ଈଶ୍ୱର ତାଙ୍କ ଦୁଃଖଭୋଗ ସମୟରେ, ତାଙ୍କୁ ସଙ୍ଗେ ସଙ୍ଗେ ସାନ୍ତ୍ୱନା ଦେଇ ନ ଥିଲେ । ଏହି ଘଟଣାଟି ହୁଏତ ଆମ ନିଜର ଅନୁଭୂତିକୁ ପ୍ରତିଫଳିତ କରିଥାଏ । କିନ୍ତୁ, ନିଜର ସଠିକ୍ ସମୟରେ, ଈଶ୍ୱର ଆପଣଙ୍କୁ ଉଚ୍ଚୀକୃତ କରିବେ ।

"ଅତଏବ ଈଶ୍ୱରଙ୍କର ବଳବନ୍ତ ହସ୍ତ ତଳେ ଆପଣା ଆପଣାକୁ ନତ କର, ଯେପରି ସେ ତୁମ୍ଭମାନଙ୍କୁ ଯଥା ସମୟରେ ଉନ୍ନତ କରିବେ" (୧ ପିତର ୫:୬) ।

ପ୍ରଭୁ ଏହି ନୂତନ ବର୍ଷଟିକୁ ଏକ ନୂତନୀକରଣର ବର୍ଷ କରନ୍ତୁ ଓ ସେ ଆପଣମାନଙ୍କ ନିମନ୍ତେ ଉନ୍ମୋଚିତ କରିଥିବା ଜୀବନର ନୂତନ ମାର୍ଗ ମାଧ୍ୟମରେ ଆପଣମାନଙ୍କୁ ବହୁ ପରିମାଣର ଆଶୀର୍ବାଦରେ ପୂର୍ଣ୍ଣ କରନ୍ତୁ ।

"... ଆମ୍ଭେ ଯେଉଁ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ ନିର୍ମାଣ କରିବା, ତାହା ଯେପରି ଆମ୍ଭ ସମ୍ମୁଖରେ ସ୍ଥାୟୀ ହେବ, ସେପରି ତୁମ୍ଭମାନଙ୍କର ବଂଶ ଓ ତୁମ୍ଭମାନଙ୍କର ନାମ ସ୍ଥାୟୀ ହେବ, ଏହା ସଦାପ୍ରଭୁ କହନ୍ତି" (ଯିଶାଇୟ ୬୬:୨୨) ।

ଏହି ବର୍ଷ ଆମ ସମ୍ମୁଖରେ ଅନେକ ସେବାକାର୍ଯ୍ୟ ଅଛି – ସେହିସବୁ କାର୍ଯ୍ୟ କେବଳ ମାନବ ପ୍ରଚେଷ୍ଟା ମାଧ୍ୟମରେ ସମ୍ପୂର୍ଣ୍ଣ ଭାବେ ଅସମ୍ଭବ ଅଟେ । ଆମେ ଯେପରି ଆମ ପ୍ରାର୍ଥନାରେ ଆପଣମାନଙ୍କୁ ନିରନ୍ତର ସ୍ମରଣ କରୁଅଛୁ, ସେହିପରି ଆମେ ଆପଣମାନଙ୍କର ପ୍ରାର୍ଥନା ମଧ୍ୟ ଆବଶ୍ୟକ କରୁଅଛୁ । ନିଶ୍ଚୟ, ଆପଣମାନେ ଆଶୀର୍ବାଦପ୍ରାପ୍ତ ହେବେ ।

**ନିମ୍ନରେ ତିନୋଟି ଅତ୍ୟାବଶ୍ୟକୀୟ ଓ ପାଳନୀୟ ନିୟମ ପ୍ରଦତ୍ତ ହୋଇଛି :**

୧. ଆପଣମାନଙ୍କର ମଣ୍ଡଳୀ ଓ ପାଳକଙ୍କୁ ପ୍ରେମ କରନ୍ତୁ । ସମସ୍ତ ଉପାସନା ସଭାରେ ନିୟମିତ ଭାବେ ଯୋଗ ଦିଅନ୍ତୁ ।

୨. ଆପଣମାନଙ୍କର ପ୍ରାର୍ଥନା ଜୀବନକୁ ପ୍ରାଧାନ୍ୟ ଦିଅନ୍ତୁ ଓ ନିରନ୍ତର ଈଶ୍ୱରଙ୍କ ଉପସ୍ଥିତିରେ ରହନ୍ତୁ ।

୩. ଈଶ୍ୱର ଆପଣମାନଙ୍କୁ ଦେଇଥିବା ସ୍ୱାସ୍ଥ୍ୟ, ଅର୍ଥ ଓ ଆଶୀର୍ବାଦ ଅନୁସାରେ, ବିଶ୍ୱସ୍ତ ଭାବରେ ପ୍ରଭୁଙ୍କର ସେବା କରନ୍ତୁ ।




ଆପଣମାନେ ଯେପରି ଆଗାମୀ ଦିନଗୁଡ଼ିକରେ ଈଶ୍ୱରଙ୍କର ସୁରକ୍ଷା, ତାଙ୍କର କ୍ଷମତା ଓ ତାଙ୍କ ପ୍ରତିଜ୍ଞାଗୁଡ଼ିକର ସଫଳତାକୁ ଉପଭୋଗ କରିବେ ଏଥିପାଇଁ ଆମେ ପ୍ରାର୍ଥନା କରୁଅଛୁ ।

ଆପଣମାନଙ୍କ ସମସ୍ତଙ୍କ ପ୍ରତି ଅନୁଗ୍ରହ ବର୍ତ୍ତୁ ।

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ସେବକ,

ପାଳକ ଏସ୍.ସାମ୍.ସେଲ୍ଭାରାଜ

E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)



ଦାଉଦ ପଲେଷ୍ଟୀୟମାନଙ୍କୁ ପରାସ୍ତ କରି ଦମନ କରିଥିଲେ ।

ଦାଉଦ ପଲେଷ୍ଟିୟମାନଙ୍କ ସହିତ ଅନେକ ବର୍ଷ ଧରି ସଂଘର୍ଷରତ ଥିଲେ । ତଥାପି, ଈଶ୍ୱରଙ୍କର ସଠିକ୍ ସମୟରେ, ସବୁକିଛି ପରିବର୍ତ୍ତିତ ହୋଇଥିଲା । ସେହି ପଦଟି ଏକ ପରିବର୍ତ୍ତନକୁ ଚିହ୍ନିତ କରିଛି – ସେତେବେଳେ ପ୍ରତିଜ୍ଞାଗୁଡ଼ିକ ଉନ୍ମୋଚିତ ହେବା ଆରମ୍ଭ କରିଥିଲା ଓ ଶତ୍ରୁମାନେ ବଶୀଭୂତ ହୋଇଥିଲେ ।

ଆମେ ୨୦୨୬ ମଧ୍ୟକୁ ଅଗ୍ରସର ହେଉଥିବା ସମୟରେ, ଈଶ୍ୱରଙ୍କ ସମୟ ଆଦୌ ବିଳମ୍ବ ନୁହେଁ ବୋଲି ଆମେ ଭରସା ପାଇପାରିବା । ତାଙ୍କର ଯୋଜନାଗୁଡ଼ିକୁ ଆମେ ଦେଖି ନ ପାରିଲେ ମଧ୍ୟ ସେଗୁଡ଼ିକ ଉନ୍ମୋଚିତ ହେବାରେ ଲାଗିଛି ।

ବର୍ଷ ବର୍ଷ ଧରି, ପଲେଷ୍ଟୀୟମାନେ ଇସ୍ରାଏଲୀୟମାନଙ୍କୁ ଲୁଣ୍ଠନ କରୁଥିଲେ । ସେମାନେ କ୍ଷତି ପରେ କ୍ଷତି ସହ୍ୟ କରୁଥିଲେ – ସେମାନେ ସେମାନଙ୍କର ପରିବାର, ସେମାନଙ୍କର ସମ୍ମାନ, ନିୟମ ସିନ୍ଦୁକ, ଏପରିକି ସେମାନଙ୍କର ଯାଜକ ଏଲୀଙ୍କୁ ମଧ୍ୟ ହରାଇଥିଲେ । ଏପରି ମନେ ହେଉଥିଲା ଯେପରିକି ସେମାନଙ୍କ ଭାଗ୍ୟରେ କେବଳ ପରାଜୟ ଥିଲା । ଶତ୍ରୁ ଶକ୍ତିଶାଳୀ ଦିଶୁଥିଲା ଓ ଈଶ୍ୱର ନୀରବ ଦିଶୁଥିଲେ ।

ମାତ୍ର ଏହାପରେ ଏପରି ସମୟ ଆସିଲା, ଯେତେବେଳେ ଈଶ୍ୱର ହସ୍ତକ୍ଷେପ କରିଥିଲେ – ପୁଣି ଯେତେବେଳେ ଈଶ୍ୱର କାର୍ଯ୍ୟ କରନ୍ତି, ସେତେବେଳେ ତାହା ଅନ୍ତିମ ହୋଇଥାଏ ।

ବାଇବଲରେ ଲେଖାଯାଇଛି ଯେ ଦାଉଦ ପଲେଷ୍ଟୀୟମାନଙ୍କୁ କେବଳ ପରାସ୍ତ କରିଥିଲେ, ତା'ନୁହେଁ, ସେ ସେମାନଙ୍କୁ ଅବନତ ମଧ୍ୟ କରିଥିଲେ – ଅର୍ଥାତ୍, ସେମାନେ ଆଉ ଇସ୍ରାଏଲର ପ୍ରତିକୂଳରେ ଉଠି ପାରି ନ ଥିଲେ ।



ତୁମେମାନେ ଆଜି ଯେପରି ମିସ୍ରିୟମାନଙ୍କୁ ଦେଖୁଅଛ, ସେପରି ଅନନ୍ତକାଳ ଯାଏ ଆଉ କେବେ ଦେଖିବ ନାହିଁ ।

**ଈଶ୍ୱର କାର୍ଯ୍ୟ କରିବା ସମୟରେ, ତାହା ଅନ୍ତିମ ଅଟେ ।**

''ଅନନ୍ତର ଦାଉଦ ପଲେଷ୍ଟୀୟମାନଙ୍କୁ ପରାସ୍ତ କରି ନତ କଲେ, ଆଉ ପଲେଷ୍ଟୀୟମାନଙ୍କ ହସ୍ତରୁ ଗାଥ୍ ଓ ତହିଁର ଉପନଗର ସକଳ ହରଣ କଲେ'' (୧ ବଂଶାବଳି ୧୮:୧) ।





# ଅତି ଜରୁରୀ ବିଜ୍ଞାପନ




ନିକଟ ଭବିଷ୍ୟତ୍‌ରେ ''ଆହ୍ୱାନର ପ୍ରତିଧ୍ୱନି''କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ–ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ–ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
10, Mohammed Abdullah 2nd Street, Chepauk, Chennai-600 005, India
Cell: (+91) 98412 71858 / 98410 71858 E.mail: sam@echoofhiscall.org

ପଲେଷ୍ଟୀୟମାନେ ବାରମ୍ବାର ଫେରି ଆସୁଥିଲେ, ମାତ୍ର ବର୍ତ୍ତମାନ ଈଶ୍ୱରଙ୍କ ଶକ୍ତି ଦାଉଦଙ୍କ ମାଧ୍ୟମରେ ସେମାନଙ୍କୁ ଧ୍ୱଂସ କରିଥିଲା ।

ଏହା ଈଶ୍ୱରଙ୍କର ପ୍ରତ୍ୟେକ ସନ୍ତାନ ପ୍ରତି ଈଶ୍ୱରଙ୍କର ପ୍ରତିଜ୍ଞା ଅଟେ : ଯେତେବେଳେ ସେ ଆପଣଙ୍କ ଯୁଦ୍ଧ ମଧ୍ୟକୁ ଆସନ୍ତି, ସେତେବେଳେ ଯାହା ଦିନେ ଆପଣଙ୍କ ବିରୁଦ୍ଧରେ ଉଠିଥିଲା, ତାହା ପୁନର୍ବାର ଆଉ ଉଠିବ ନାହିଁ ।

"ତୁମ୍ଭେମାନେ ଆଜି ଯେପରି ମିସ୍ରିୟମାନଙ୍କୁ ଦେଖୁଅଛ, ସେପରି ଅନନ୍ତକାଳ ଯାଏ ଆଉ କେବେ ଦେଖିବ ନାହିଁ" – ଯାତ୍ରା ୧୪:୧୩ । ଏହା ଈଶ୍ୱରଙ୍କର କର୍ତ୍ତୃତ୍ୱ ଓ ତାଙ୍କ ଲୋକମାନଙ୍କ ପାଇଁ ତାଙ୍କର ଉଦ୍ଧାର ସମ୍ବନ୍ଧରେ ଏକ ଶକ୍ତିଶାଳୀ ସ୍ମରଣାର୍ଥକ ବିଷୟ ଅଟେ ।

ଆମ ମଧ୍ୟରୁ ଅନେକଙ୍କ ପାଇଁ, ଶତ୍ରୁ ଅଧିକାଂଶ ବର୍ଷ ଧରି ଆମର ଶାନ୍ତି, ସ୍ୱାସ୍ଥ୍ୟ, ଅର୍ଥ, ସଂପର୍କ, ଚାକିରୀ, ପରିବାର, ପଦୋନ୍ନତି, ଆଶୀର୍ବାଦ ଉପରେ ଅଧିକାର ବିସ୍ତାର କରିଅଛି । ମାତ୍ର ସଦାପ୍ରଭୁ ଘୋଷଣା କରିଛନ୍ତି :

ଶତ୍ରୁ ଯାହା ହରଣ କରିଅଛି, ତାହା ଫେରି ପାଇବା ପାଇଁ ୨୦୨୬ ବର୍ଷଟି ଉଦ୍ଦିଷ୍ଟ ଅଟେ ।

ଦାଉଦ ଶତ୍ରୁ ଉପରେ କ୍ଷମତାଶାଳୀ ହୋଇ ତାହାକୁ ନିୟନ୍ତ୍ରଣ କରିଥିଲେ । ସେ ଆଉ ଆଧିପତ୍ୟ ଅଧୀନରେ ନ ଥିଲେ – ସେ ବିଜୟୀ ହୋଇଥିଲେ । ଏହି ବର୍ଷ ଆପଣ ଯେପରି ଆଉ ଶତ୍ରୁର ଆକ୍ରମଣ ଦ୍ୱାରା ନିୟନ୍ତ୍ରିତ ହେବେ ନାହିଁ, ମାତ୍ର ଯୀଶୁ ଖ୍ରୀଷ୍ଟଙ୍କ କର୍ତ୍ତୃତ୍ୱ ଅଧୀନରେ ଗମନାଗମନ କରିବେ, ଏଥିପାଇଁ ମୁଁ ପ୍ରାର୍ଥନା କରୁଅଛି । ଆପଣ ଆପଣଙ୍କର ପରିସ୍ଥିତି ଉପରେ, ପରିବେଶ ଉପରେ, ଆହ୍ୱାନଗୁଡ଼ିକ ଉପରେ ଓ ବିଗତ ବର୍ଷଗୁଡ଼ିକର ବିଫଳତା ଉପରେ ନିୟନ୍ତ୍ରଣ କରନ୍ତୁ ।

ପଙ୍ଗପାଳଗୁଡ଼ିକ ଯାହା ଗ୍ରାସ କରିଛନ୍ତି, ତାହାକୁ ପୁନର୍ବାର ଦାବୀ କରିବା ପାଇଁ ଏହା ଆପଣଙ୍କର ବର୍ଷ ଅଟେ ।

ଏହା ଆପଣଙ୍କ ନିକଟରେ ଥିବା ବିଷୟଗୁଡ଼ିକୁ କେବଳ ସୁରକ୍ଷା ଦେବାର ଏକ ବର୍ଷ ନୁହେଁ, ମାତ୍ର ଯାହା ହଜି ଯାଇଥିଲା, ତାହାକୁ ଫେରାଇ ଆଣିବାର ମଧ୍ୟ ବର୍ଷ ଅଟେ ।

## ଦାଉଦ ଗାଥ୍‌କୁ ଫେରାଇ ଆଣିଥିଲେ – ବିଜୟର ଏକ ପ୍ରତୀକ !

ପଲେଷ୍ଟୀୟମାନଙ୍କୁ ବଶୀଭୂତ କରିବା ପରେ, ଦାଉଦ ସେମାନଙ୍କର ଗୋଟିଏ ଅତି ଦୃଢ଼ ଓ ପ୍ରଭାବଶାଳୀ ନଗର ଗାଥ୍‌କୁ ହରଣ କରିଥିଲେ ।

ହିବ୍ରୁ ଭାଷାରେ, 'ମେଥାଗ୍ ଆମ୍ମାଃ'ର ଅର୍ଥ ହେଉଛି, "ମାତୃ ନଗରୀର ଲଗାମ" – ନିୟନ୍ତ୍ରଣ ଓ ଅଧିକାରର ଆସନ । ଯିଏ ଗାଥ୍‌କୁ ଅଧିକାର କରୁଥିଲା, ତା' ହାତରେ କ୍ଷମତା ରହୁଥିଲା ।

ଗାଥ୍ ସେହି ଗଲିୟାତ୍ ନାମକ ବିଶାଳକାୟ ଯୋଦ୍ଧାର ନିଜସ୍ୱ ନଗର ଥିଲା । ଯିଏ ଦିନେ ଇସ୍ରାଏଲୀୟମାନଙ୍କୁ ଭୟଭୀତ କରିଥିଲା (୧ ଶାମୁୟେଲ ୧୭:୪, ୨ ଶାମୁୟେଲ ୨୧:୧୫–୨୧) । ମାତ୍ର ଈଶ୍ୱରଙ୍କ ଶକ୍ତି ବିରୁଦ୍ଧରେ କୌଣସି ବିଷୟ ଠିଆ ହୋଇ ପାରି ନ ଥିଲା ।

ଯାହା ଦିନେ ପରାଜୟର ପ୍ରତୀକ ଥିଲା, ତାହା ବିଜୟର ଏକ ପ୍ରତୀକରେ ପରିଣତ ହୋଇଥିଲା ।

ସେହିପରି, ଆପଣ ଦିନେ ଯେଉଁ କ୍ଷେତ୍ରଗୁଡ଼ିକରେ କ୍ଷତି ଭୋଗିଥିଲେ, ସେଗୁଡ଼ିକ ଆପଣଙ୍କର ସର୍ବଶ୍ରେଷ୍ଠ ବିଜୟର ସ୍ଥାନରେ ପରିଣତ ହେବ । ଈଶ୍ୱର ନିଜର ପ୍ରତିଜ୍ଞାଗୁଡ଼ିକୁ ପୂରଣ କରିବାରେ ବିଶ୍ୱସ୍ତ ଅଟନ୍ତି ।

## ଈଶ୍ୱର କାହିଁକି ଦାଉଦଙ୍କ ପକ୍ଷ ନେଇଥିଲେ ?

ଦାଉଦ ତ୍ରୁଟିଶୂନ୍ୟ ନ ଥିଲେ, ସେ ପ୍ରବୃତ୍ତି, ଆବେଗ, ତ୍ରୁଟି ଓ ଭଗ୍ନତାର ବଶୀଭୂତ ଥିଲେ – ତଥାପି ଈଶ୍ୱର ତାଙ୍କୁ "ତାଙ୍କ ମନର ମତ ବ୍ୟକ୍ତି" ବୋଲି କହିଥିଲେ (୧ ଶାମୁୟେଲ ୧୩:୧୪, ପ୍ରେରିତ ୧୩:୨୨) ।

ଯେଉଁ ଦୟା ତାଙ୍କ ଉପରେ ଓ ତାଙ୍କ ବଂଶ ଉପରେ ବର୍ତ୍ତିଥିଲା, ତା' ପଛରେ କି ରହସ୍ୟ ଥିଲା ?

## ୧. ଦାଉଦ ଈଶ୍ୱରଙ୍କୁ ପ୍ରାଧାନ୍ୟ ଦେଇଥିଲେ !

ଦାଉଦ ସର୍ବଦା ଈଶ୍ୱରଙ୍କୁ ପ୍ରଥମ ସ୍ଥାନ ଦେଉଥିଲେ । ଏପରିକି ବିଫଳତାରେ ମଧ୍ୟ, ତାଙ୍କର ପ୍ରଥମ ପ୍ରତିକ୍ରିୟା ଥିଲା ଅନୁତାପ ଓ ଆତ୍ମ-ସମର୍ପଣ ।

ସେ କ୍ରନ୍ଦନ କରିଥିଲେ, "ତୁମ୍ଭ ପବିତ୍ର ଆତ୍ମା ମୋ'ଠାରୁ ନିଅ ନାହିଁ" (ଗୀତସଂହିତା ୫୧:୧୧) ।

"ସେ ମନୁଷ୍ୟମାନଙ୍କ ହସ୍ତରେ ପଡ଼ିବା ଅପେକ୍ଷା ବରଂ ଜଣେ ଦୟାଳୁ ଈଶ୍ୱରଙ୍କ ହସ୍ତରେ ପଡ଼ିବା ପସନ୍ଦ କରିଥିଲେ" (୨ ଶାମୁୟେଲ ୨୪:୧୪) । ସେ ନିଜର ମୁକୁଟ, ସିଂହାସନ, କିମ୍ବା ଖ୍ୟାତି ଅପେକ୍ଷା ଈଶ୍ୱରଙ୍କ ଉପସ୍ଥିତିକୁ ଅଧିକ ମୂଲ୍ୟ ଦେଉଥିଲେ ।



ତୁମ୍ଭ ପବିତ୍ର ଆତ୍ମା ମୋ'ଠାରୁ ନିଅ ନାହିଁ

ଶତ୍ରୁ ଯାହା ହରଣ କରିଅଛି, ତାହାକୁ ଯଦି ଆମେ ପୁନର୍ବାର ଦାବୀ କରିବାକୁ ଚାହୁଁ, ତେବେ ଆମକୁ ମଧ୍ୟ ଏହି ବର୍ଷର ଆରମ୍ଭରେ ଈଶ୍ୱରଙ୍କୁ ପ୍ରାଧାନ୍ୟ ଦେବାକୁ ହେବ– ଆମେ ବୁଝି ପାରିଲେ ମଧ୍ୟ ତାଙ୍କର ସମୟକୁ ବିଶ୍ୱାସ କରିବାକୁ ହେବ ।

ଆସନ୍ତୁ, ଆମେ ଏହିପରି ପ୍ରାର୍ଥନା କରିବା "ହେ ପ୍ରଭୁ, ମୁଁ ବୁଝି ନ ପାରିଲେ ମଧ୍ୟ, ଏହା ଅର୍ଥହୀନ ମନେହେଲେ ମଧ୍ୟ, ତୁମେ ମୋତେ ଚାଳନା ଦିଅ ଓ ସଂସ୍ଥାପିତ କର" (ହିତୋପଦେଶ ୩:୫–୬) ।

## ୨. ଦାଉଦ ସ୍ୱର୍ଗରାଜ୍ୟ –ମନସ୍କ ଥିଲେ ।

ଦାଉଦଙ୍କୁ ମନ୍ଦିର ନିର୍ମାଣ କରିବାର ଅନୁମତି ମିଳି ନ ଥିଲା, ତଥାପି ସେ ସେହି ସମସ୍ତ ବିଷୟ ପ୍ରସ୍ତୁତ କରିଥିଲେ ଯେଉଁଗୁଡ଼ିକୁ ଶଲୋମନ ଆବଶ୍ୟକ କରିବେ । ସେ ଧନ ଏକତ୍ରିତ କରିଥିଲେ, ଶାନ୍ତି ସ୍ଥାପନ କରିଥିଲେ ଓ ପରବର୍ତ୍ତୀ ପିଢ଼ୀ ପାଇଁ ମୂଳଦୁଆ ପ୍ରତିଷ୍ଠା କରିଥିଲେ ।

ସେ ବ୍ୟକ୍ତିଗତ ଗୌରବ ପାଇଁ ନୁହେଁ, ମାତ୍ର ଈଶ୍ୱରଙ୍କ ଗୌରବ ପାଇଁ ସଚେତନ ଥିଲେ ।

ଆଜିର ଜଗତରେ, ଅନେକେ ପ୍ରତିଷ୍ଠା, ଅନୁଗାମୀ ଓ ଖ୍ୟାତି ଅନ୍ୱେଷଣ କରନ୍ତି । ମାତ୍ର ଈଶ୍ୱରଙ୍କ ପ୍ରକୃତ ଦାସମାନେ ତାଙ୍କ ରାଜ୍ୟର ଅଗ୍ରଗତି ପାଇଁ ନୀରବରେ କାର୍ଯ୍ୟ କରନ୍ତି । ଈଶ୍ୱର ଆପଣଙ୍କର ଅଣଦେଖା ପରିଶ୍ରମକୁ ଦେଖନ୍ତି । ସେ ପୁରସ୍କାର ଦାତା ଅଟନ୍ତି ।

(ଅବଶିଷ୍ଟାଂଶ ୨୫ ପୃଷ୍ଠାରେ)

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୬), ସହାୟତା ଦେବା (ରୋମୀୟ ୧୨:୧୩) ଓ ସ୍ୱାଗତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୬ ଜାନୁୟାରୀ ୧୯ ରୁ ଫେବୃୟାରୀ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବେଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଜାନୁୟାରୀ ୧୯ ⇨ ଆମର ମୁଖ୍ୟ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଅର୍ଥପୂର୍ଣ୍ଣ ଓ ପ୍ରଭାବଶାଳୀ ବଡ଼ଦିନ ଓ ନୂତନ ବର୍ଷ ଉତ୍ସବଗୁଡ଼ିକୁ ପାଳନ କରିବା ପାଇଁ ସାମର୍ଥ୍ୟ ଦେଇଥିବାରୁ ।

ଜାନୁୟାରୀ ୨୦ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଖ୍ୟସଭ୍ୟ, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହା ଆଦେଶ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକ ଉପରେ ପ୍ରଚୁର ଦୟା ବୃଷ୍ଟି କରିଥିବାରୁ ।

ଜାନୁୟାରୀ ୨୧ ⇨ ଆମର "ଗ୍ଲୋବାଲ୍ ଭିଜନ୍ ଫର୍ ଦି ୟୁଥ୍ ଏଣ୍ଡ କିଡ୍ କେୟାର" ସେବାକାର୍ଯ୍ୟକୁ ଆଶୀର୍ବାଦ କରିଥିବାରୁ ।

ଜାନୁୟାରୀ ୨୨ ⇨ ଆମର ୟୁ-ଟ୍ୟୁବ୍ ସେବାକାର୍ଯ୍ୟ ମାଧ୍ୟମରେ ଆମର ଓ ମିନିଟ୍ର ବାର୍ତ୍ତାକୁ ଅପହଞ୍ଚ ସ୍ଥାନ ଗୁଡ଼ିକରେ ପହଞ୍ଚାଇ ଥିବାରୁ ।

ଜାନୁୟାରୀ ୨୩ ⇨ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ୍ କରେସପଣ୍ଡେନ୍ସ କୋର୍ସ ଗୁଡ଼ିକର ସମସ୍ତ କାର୍ଯ୍ୟକଳାପ ନିମନ୍ତେ ।

ଜାନୁୟାରୀ ୨୪ ⇨ ଆମର ଛାପାଖାନାରେ ମୁଦ୍ରିତ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ହେଉଥିବା ଆମର ୧୬ଟି ଭାଷାରେ ପ୍ରକାଶିତ ପତ୍ରିକା ଉପରେ ଆଶୀର୍ବାଦ କରିଥିବାରୁ ।

ଜାନୁୟାରୀ ୨୫ ⇨ ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ଘୋଷଣା କରିବା ପାଇଁ ଆମ ବରିଷ୍ଠ ପାଳକଙ୍କର ଅଟଳ ପ୍ରତିବଦ୍ଧତା ନିମନ୍ତେ ।

ଜାନୁୟାରୀ ୨୬ ⇨ 'ଆହ୍ୱାନର ପ୍ରତିଧ୍ୱନି'ର କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ୱର୍ଗୀୟ ସୁରକ୍ଷା ଦେଇଥିବାରୁ ।

ଜାନୁୟାରୀ ୨୭ ⇨ ମଣ୍ଡଳୀର ସମସ୍ତ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଯୁବାମାନଙ୍କୁ ଉତ୍ସାହ ଦେଇଥିବାରୁ ।

ଜାନୁୟାରୀ ୨୮ ⇨ ଆମର ସାଥୀମାନଙ୍କର ପ୍ରାର୍ଥନା ଓ ଅର୍ଥନୈତିକ ସହାୟତା ଦ୍ୱାରା ଆମକୁ ଆଶୀର୍ବାଦ କରିଥିବାରୁ ।

ଜାନୁୟାରୀ ୨୯ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାରବର୍ଗଙ୍କୁ ଆଶୀର୍ବାଦ କରିଥିବାରୁ ।

ଜାନୁୟାରୀ ୩୦ ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକରେ ଅବସ୍ଥାପିତ ଆମର ପାଳକ ଓ ବରିଷ୍ଠ ସେବାମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଜାନୁୟାରୀ ୩୧ ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଆମର "ପିଲାମାନଙ୍କର ସେବାକାର୍ଯ୍ୟ"କୁ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୧ ⇨ ଆମ ବରିଷ୍ଠ ପାଳକଙ୍କର ପ୍ରଚାର ଯାତ୍ରାଗୁଡ଼ିକ ଉପରେ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୨ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକରେ ଅନୁଷ୍ଠିତ ହେଉଥିବା ଆମର ରବିବାର ଉପାସନା ସମୟରେ ଈଶ୍ୱରଙ୍କ ବାକ୍ୟର ଶକ୍ତି ପ୍ରକାଶିତ ହେଉଥିବାରୁ ।

ଫେବୃୟାରୀ ୩ ⇨ ୨୦୨୬ ପାଇଁ ଆମ ବରିଷ୍ଠ ପାଳକଙ୍କୁ ପ୍ରଦାନ କରିଥିବା ନୂତନ ଦର୍ଶନ ନିମନ୍ତେ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଫେବୃୟାରୀ ୪ ⇨ ଇସ୍ରାଏଲ, ପାଲେଷ୍ଟାଇନ, ରୁଷିଆ ଓ ୟୁକ୍ରେନର ଶାନ୍ତି ନିମନ୍ତେ ।

ଫେବୃୟାରୀ ୫ ⇨ ଆମର ବରିଷ୍ଠ ପାଳକ ରେଭ.ଏସ୍.ସାମ୍ ସେଲ୍ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେବା ନିମନ୍ତେ ।

ଫେବୃୟାରୀ ୬ ⇨ ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନ ଓ ମଣ୍ଡଳୀଗୁଡ଼ିକ ଉପରେ ଈଶ୍ୱରଙ୍କର ଆଶୀର୍ବାଦ ଓ ସୁରକ୍ଷା ନିମନ୍ତେ ।

ଫେବୃୟାରୀ ୭ ⇨ ଆମର କାର୍ଯ୍ୟାଳୟ ଓ ଛାପାଖାନାର କର୍ମଚାରୀମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ଫେବୃୟାରୀ ୮ ⇨ ବିଶ୍ୱସ୍ତରୀୟ ଅର୍ଥନୈତିକ ସଙ୍କଟ ଯେପରି ଶେଷ ହେବ, ଏଥି ନିମନ୍ତେ ।

ଫେବୃୟାରୀ ୯ ⇨ ମିଶନେରୀ ଓ ଈଶ୍ୱରଙ୍କ ଦାସମାନଙ୍କ ବିରୁଦ୍ଧରେ ହିଂସାଚରଣର ସମାପ୍ତି ନିମନ୍ତେ ।

ଫେବୃୟାରୀ ୧୦ ⇨ ପୃଥିବୀର ସମସ୍ତ ମହିଳା ଓ ଶିଶୁଙ୍କର ସୁରକ୍ଷା ନିମନ୍ତେ ।

ଫେବୃୟାରୀ ୧୧ ⇨ "ଆହ୍ୱାନର ପ୍ରତିଧ୍ୱନି"ର ମୁଦ୍ରଣ ଓ ପ୍ରଚାର କାର୍ଯ୍ୟକ୍ରମ ନିମନ୍ତେ ।

ଫେବୃୟାରୀ ୧୨ ⇨ ଏହି ବର୍ଷ "ଆହ୍ୱାନର ପ୍ରତିଧ୍ୱନି" ସେବାକାର୍ଯ୍ୟ ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେବା ନିମନ୍ତେ ।

ଫେବୃୟାରୀ ୧୩ ⇨ ସରକାରୀ ଓ ସାଧାରଣ ପରୀକ୍ଷାଗୁଡ଼ିକ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରମାନଙ୍କୁ ସଫଳତା ଓ ଜ୍ଞାନ ଦେବା ନିମନ୍ତେ ।

ଫେବୃୟାରୀ ୧୪ ⇨ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ଓ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କୁ ଈଶ୍ୱର ଯେପରି ସୁରକ୍ଷା ଦେବେ ।

ଫେବୃୟାରୀ ୧୫ ⇨ ଅସୁସ୍ଥତା, ଦାରିଦ୍ର୍ୟ ଓ କ୍ଷୁଧା ଭୋଗୁଥିବା ଲୋକମାନଙ୍କର ଆଶ୍ୱସ୍ତି ନିମନ୍ତେ ।

ଫେବୃୟାରୀ ୧୬ ⇨ ନିଶାସକ୍ତ ଓ କୁକର୍ମକାରୀମାନେ ଯେପରି ପରିବର୍ତ୍ତିତ ଓ ଅନୁତପ୍ତ ହେବେ ।

ଫେବୃୟାରୀ ୧୭ ⇨ ଏହି ମାସ ଆମର ସମସ୍ତ ଆବଶ୍ୟକୀୟ ବିଷୟଗୁଡ଼ିକୁ ଯୋଗାଇ ଦେବା ନିମନ୍ତେ ।

ଫେବୃୟାରୀ ୧୮ ⇨ ସମସ୍ତ ପୃଥିବୀର ପିଲା ଓ ଯୁବାମାନେ ଯେପରି ମୋବାଇଲ ଫୋନ ଓ ଅନ୍-ଲାଇନ୍ ଖେଳ ପ୍ରତି ଆସକ୍ତିରୁ ରକ୍ଷା ପାଇବେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଯଦି ଆମେ ସ୍ୱର୍ଗରେ ଯେପରି, ପୃଥିବୀରେ ସେହିପରି ଈଶ୍ୱରଙ୍କ ରାଜ୍ୟ ଇଚ୍ଛା କରୁ, ତେବେ ଆମକୁ ଏକ ସ୍ୱର୍ଗରାଜ୍ୟ-ମନୋଭାବର ବିକାଶ କରିବାକୁ ହେବ ।

ଏହା କାହାକୁ ଶ୍ରେୟ ଦିଆଯାଏ, ଅର୍ଥାତ୍ ଫେସବୁକ୍ ଲାଇକ୍ସ, ଇନ୍ଷ୍ଟାଗ୍ରାମ ଫଲୋୟର୍ସ କିମ୍ବା ୟୁ-ଟ୍ୟୁବ ସବ୍ସ୍କ୍ରାଇବର ସମ୍ବନ୍ଧୀୟ ନୁହେଁ । ଏହା ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଅନୁଗାମୀ କିମ୍ବା ସଭ୍ୟସଭ୍ୟା ସଂଗ୍ରହ କରିବା ସମ୍ବନ୍ଧୀୟ ନୁହେଁ – ଏହା କାର୍ଯ୍ୟ ସଂପାଦନ କରିବା ସମ୍ବନ୍ଧୀୟ ଅଟେ ।

୨୦୨୬ ଏପରି ଗୋଟିଏ ବର୍ଷ ହେଉ ଯେଉଁବେଳେ ଆମେ ଆମଠାରୁ ଉର୍ଦ୍ଧ୍ୱର ବିଷୟ ଚିନ୍ତା କରିବା – ସ୍ୱର୍ଗରାଜ୍ୟର ଉଦ୍ଦେଶ୍ୟ ସାଧନ କରିବା ।

"ତୁମ୍ଭ ହସ୍ତ ଯେ କୌଣସି କାର୍ଯ୍ୟ କରିବାକୁ ପାଏ, ତାହା ଆପଣା ଶକ୍ତିରେ କର, ଈଶ୍ୱରଙ୍କ ଗୌରବ ନିମନ୍ତେ କର" (ଉପଦେଶକ ୯:୧୦) ।

## ୩. ଦାଉଦ ସମସ୍ତ ବିଷୟରେ ଈଶ୍ୱରଙ୍କୁ ଗୌରବ ଦେଇଥିଲେ ।

ଦାଉଦ ଏହା ସ୍ୱୀକାର କରିଥିଲେ ଯେ ପ୍ରତ୍ୟେକ ବିଜୟ ଈଶ୍ୱରଙ୍କଠାରୁ ଆସିଥିଲା ।

ସେ ବିଜିତ ଦେଶଗୁଡ଼ିକରୁ ଅଣାଯାଇଥିବା ସୁନା, ରୁପା ଓ ପିତ୍ତଳ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ।

"ଦାଉଦ ... ସୁବର୍ଣ୍ଣ ଢାଲ ସବୁ ନେଇ ଯିରୂଶାଲମକୁ ଆଣିଲେ । ... ଦାଉଦ ରାଜା ଏହି ସବୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର କଲେ..." (୨ ଶାମୁୟେଲ ୮:୭,୧୧) ।

ବିଜେ ଯାହା ଶତ୍ରୁର ଗର୍ବର କାରଣ ଥିଲା, ତାହାକୁ ନେଇ, ସେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ – ଶଲୋମନ ଯେପରି ଏଗୁଡ଼ିକୁ ନେଇ ପିତ୍ତଳ ସମୁଦ୍ର ସ୍ତମ୍ଭ ଓ ଅନ୍ୟାନ୍ୟ ପବିତ୍ର ପଦାର୍ଥ ନିର୍ମାଣ କରିପାରିବେ, ଏଥିପାଇଁ ସେଗୁଡ଼ିକୁ ତାଙ୍କ ନିମନ୍ତେ ରଖି ଦେଇଥିଲେ ।

*ଧର୍ମଶାସ୍ତ୍ର ଘୋଷଣା କରିଛି :*

"...ଦାଉଦ ଯେଉଁଆଡ଼େ ଗଲେ, ସଦାପ୍ରଭୁ ତାଙ୍କୁ ଜୟ ଦାନ କଲେ" (୨ ଶାମୁୟେଲ ୮:୬) ।

ଦାଉଦ ଈଶ୍ୱରଙ୍କୁ ଯେତେ ଅଧିକ ସମ୍ମାନ ଦେଲେ, ଈଶ୍ୱର ତାଙ୍କୁ ସେତେ ଅଧିକ ସମ୍ମାନିତ କଲେ । ଏପରିକି ତାଙ୍କ ଶତ୍ରୁମାନେ ମଧ୍ୟ ତାଙ୍କୁ ଉପହାର ପ୍ରଦାନ କରିଥିଲେ ।

"ଅନନ୍ତର ଦାଉଦ ହଦଦେଶରର ସମସ୍ତ ସୈନ୍ୟଦଳକୁ ପରାସ୍ତ କରିଅଛନ୍ତି, ଏହା ହମାତର ରାଜା ତୟି ଶୁଣନ୍ତେ, ଦାଉଦ ରାଜାଙ୍କର ମଙ୍ଗଳବାର୍ତ୍ତା ପଚାରିବା ନିମନ୍ତେ ଓ ହଦଦେଶରର ପ୍ରତିକୂଳରେ ଯୁଦ୍ଧ କରି ପରାସ୍ତ କରିବାସକାଶୁ ତାଙ୍କୁ ଧନ୍ୟବାଦ ଦେବା ନିମନ୍ତେ ସେ ଆପଣା ପୁତ୍ର ଯୋରାମକୁ ତାଙ୍କ ନିକଟକୁ ପଠାଇଲା ... ପୁଣି ଯୋରାମ ଆପଣା ସଙ୍ଗେ ରୂପା ପାତ୍ର ଓ ସୁନାପାତ୍ର ଓ ପିତ୍ତଳ ପାତ୍ର ନେଇ ଆସିଥିଲା ... ଦାଉଦ ରାଜା ଏହିସବୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ (ପବିତ୍ର) କଲେ..." (୨ ଶାମୁୟେଲ ୮:୯,୧୦,୧୧) ।



*ରାଜା ଦାଉଦ ସୁନା, ରୁପା ଓ ପିତ୍ତଳ ପାତ୍ର ସବୁକୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର କଲେ ।*

ଏହିପରି ଭାବରେ, ଦାଉଦ ଏହିସବୁ ପଦାର୍ଥ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ।

ପ୍ରିୟ ଭାଇ ଓ ଭଉଣୀମାନେ, ଆମେ ପାଇଥିବା ପ୍ରତ୍ୟେକ ବିଷୟ ଈଶ୍ୱରଙ୍କର ଅଟେ ବୋଲି ଆମେ ନିଶ୍ଚିତି ନେବା ।

"ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧ ବର ଉର୍ଦ୍ଧ୍ୱରୁ, ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କଠାରୁ ଆସେ..." (ଯାକୁବ ୧:୧୭) ।

ଆମେ ଆଦୌ ଏହା ଭୁଲିବା ନାହିଁ ଯେ ଈଶ୍ୱର ଆମକୁ ସର୍ବଶ୍ରେଷ୍ଠ ଦାନ, ଅର୍ଥାତ୍ ତାଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କୁ ଦେଇଥିଲେ ।

ଆମେ ଯେପରି ସାହସର ସହିତ ଠିଆ ହୋଇପାରିବୁ, ଏଥିପାଇଁ ସେ ଆମର ଯନ୍ତ୍ରଣାକୁ ଧାରଣ କରିଥିଲେ ।

ସେ ଆମର ପାପ ଓ ଅଭିଶାପକୁ ନେଇ ଯାଇଥିଲେ ଓ ଆମକୁ ଏକ ଆଶୀର୍ବାଦରେ ପରିବର୍ତ୍ତିତ କରିଥିଲେ ।

## ଆପଣଙ୍କର ପୁନଃପ୍ରତିଷ୍ଠା ଓ ବିଜୟର ବର୍ଷ

ପ୍ରିୟ ଭାଇ ଭଉଣୀ, ୨୦୨୬ଟି, ଆପଣଙ୍କର ନିକଟରେ ଯାହା ଅଛି, ତାକୁ କେବଳ ରକ୍ଷା କରିବାର ଏକ ବର୍ଷ ନୁହେଁ ।

ଶତ୍ରୁ ଯାହା ହରଣ କରି ନେଇଛି, ତାହାକୁ ଫେରିବାର ବର୍ଷ ମଧ୍ୟ ଅଟେ ।

ଏହା ହରାଇଥିବା ଭୂମିକୁ ଫେରି ପାଇବାର, ଆନନ୍ଦକୁ ପୁନଃ ଦାବୀ କରିବାର ଓ ଯାହା ଭାଙ୍ଗିଯାଇଛି, ତାହାକୁ ପୁନର୍ନିର୍ମାଣ କରିବାର ଏକ ବର୍ଷ ଅଟେ ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

Chepauk & Santhoshapuram, Velachery Chennai.

ଥିଓଲୋଜିରେ ଡିପ୍ଲୋମା & Bachelor of Theology

ମାଧ୍ୟମ - ହିନ୍ଦୀ (Residential) Sponsorship Available

ମାଧ୍ୟମ - ତାମିଲ (Part Time)

ଯୋଗାଯୋଗ

ଆତ୍ମନିର୍ଭର ପାଇଁ ଶୀଘ୍ର ଆସନ୍ତୁ ।

ବିଗତ ୫୬ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

Contact : The Chairman, Nehemiah Bible College.

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.

Phone : (+91-44) 2852 8282, Cell : (+91) 98410 71852 / 95661 31858

E.mail : sam@echoofhiscall.org / Website : www.echoofhiscall.org

* ONLINE CLASSES ARE AVAILABLE *

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠି, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୩. ବାଇବଲ କୋର – ମୌଳିକ ବାଇବଲ ପାଠ୍ୟକ୍ରମ (ଇଂରାଜୀ, ତାମିଲ, ହିନ୍ଦୀ ) ।
୪. ଥିଓଲୋଜିକାଲ କରେସପଣ୍ଡେନ୍ସ ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୫. ନିହିମିୟା ବାଇବଲ ମହାବିଦ୍ୟାଳୟ (ଚେପକ, ସନ୍ତୋଷପୁରମ ଓ ଭେଲାଚେରୀ) ।
୬. ଶାଖା ମଣ୍ଡଳୀ ସମୂହ : ସନ୍ତୋଷପୁରମ, ବାଲାଜୀନଗର ଓ ଭେଲାଚେରୀ ।
୭. ମହାଆବେଶ ଆରାଧନା (ତାଳକମାନେ) ।
୮. ବାଳିକା କାର୍ଯ୍ୟକ୍ରମ, ଅଧିବେଶନ ଓ ସଭା ।
୯. ସୁସମାଚାର ଅଭିଯାନ ।
୧୦. ସାହିତ୍ୟ ସେବା ଓ ବଣ୍ଟନ ।
୧୧. ସୁସମାଚାର ଛାପା କଳ – ପ୍ରକାଶନ ।
୧୨. ସେଣ୍ଟପଲସ୍ ମାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୩. ସଣ୍ଡେସ୍କୁଲ (ଚେପକ) – ରବିବାର ସକାଳ ଘ. ୧୦.୩୦ ଓ (ଭେଲାଚେରୀ, ବାଲାଜୀନଗର ଓ ସନ୍ତୋଷପୁରମ) ରବିବାର ଅପରାହ୍ନ ୩.୦୦ ଘଟିକା ।
୧୪. ପ୍ରାତଃ ଉପାସନା – ରବିବାର ସକାଳ ୫.୩୦ ।
୧୫. ପ୍ରାଥମିକ ସଭା – ରବିବାର ସକାଳ ଘ. ୮.୦୦ ।
୧୬. ତାମିଲ ଉପାସନା – ରବିବାର ସକାଳ ଘ. ୮.୩୦ ।
୧୭. ଯୁବ ସଭା – ରବିବାର ପୂର୍ବାହ୍ନ ଘ. ୧୧.୦୦ ।
୧୮. ସହଭାଗିତା ମଧ୍ୟାହ୍ନ ଭୋଜନ – ରବିବାର ଅପରାହ୍ନ ଘ. ୧.୦୦ ।
୧୯. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୨୦. ତେଲୁଗୁ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୨୧. ଇଂରାଜୀ ଓ ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୨୨. ଉତ୍ସାହ ପ୍ରଦାନର ସମୟ – ରବିବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୩. ମହିଳାମାନଙ୍କର ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୪. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୬.୦୦ ।
୨୫. କିଶୋର ସଭା – ରବିବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୬. ଗୃହ ସଭା – ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୭. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ୬.୦୦ ଘଟିକା ।
୨୮. ସେବକମାନଙ୍କର ସଭା – ପ୍ରଥମ ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୯. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୩୦. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ରି) ।
୩୧. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୩୨. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୩. ଯୁବା / ପିଲାମାନଙ୍କ ପାଇଁ ପ୍ରାର୍ଥନା – ପ୍ରତିଦିନ ରାତ୍ରି ୧୦ ଘଟିକା (ଫୋନ ମାଧ୍ୟମରେ) ।
୩୪. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୫. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ରି ୯.୦୦ (ରବିବାର ବ୍ୟତୀତ) ।

## ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ କେବଳ ଭାରତର ଛାତ୍ରମାନଙ୍କ ନିମନ୍ତେ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେନ୍ସ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେନ୍ସ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟର ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ

*For more details, write to us.*

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.

Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ "ଆହ୍ୱାନର ପ୍ରତିଧ୍ୱନି" ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | ECHO OF HIS CALL EDUCATIONAL TRUST |
| **Account Number** | : | 1023 2923 805 |
| **Bank Name** | : | STATE BANK OF INDIA |
| **Branch** | : | TRIPLICANE, CHENNAI - 600 005 |
| **IFSC Code** | : | SBIN 0000249 |
| **SWIFT Code** | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ମୋର ଜୀବନରେ ତାଙ୍କର ଚାଳନା ଓ ଯୋଗାଣ

"ସେ ଆପଣା ଭୟକାରୀମାନଙ୍କର ବାଞ୍ଛା ପୂର୍ଣ୍ଣ କରିବେ" (ଗୀତସଂହିତା ୧୪୫:୧୯) ।

୧୯୮୨ରେ, ପ୍ରଭୁ ଯୀଶୁ ଖ୍ରୀଷ୍ଟ ଚେନ୍ନାଇ (ମାଡ୍ରାସ)ର ବେପେରୀଠାରେ ମଣ୍ଡଳୀ ସେବାକାର୍ଯ୍ୟ ଆରମ୍ଭ କରିବା ପାଇଁ ମୋତେ ଅନୁଗ୍ରହ ଓ ସାମର୍ଥ୍ୟ ପ୍ରଦାନ କରିଥିଲେ । ଆରମ୍ଭରୁ, ଅର୍ଥନୈତିକ ସମସ୍ୟା ଓ ସେହି ଅଞ୍ଚଳର ଅଣ-ଖ୍ରୀଷ୍ଟିଆନମାନଙ୍କର ବିରୋଧ ଓ ଈର୍ଷା ଯୋଗୁ ବାରମ୍ବାର ମଣ୍ଡଳୀକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପଡୁଥିଲା ।

ଶେଷରେ, ଆମେ ବାୟୁ ଚଳାଚଳର ସୁବିଧା ନ ଥିବା ଗୋଟିଏ ଛୋଟ ଗୃହରେ ଆମର ରବିବାର ଉପାସନା କାର୍ଯ୍ୟ ଚଳାଉଥିଲୁ । ଜଣେ ପ୍ରିୟ ଭାଇ, ଶ୍ରୀଯୁକ୍ତ ଜର୍ଜ ଏହି ଗୃହର ମାଲିକ ଥିଲେ ।

ପରେ ଗୋଟିଏ ନିର୍ଦ୍ଦିଷ୍ଟ ଉପାସନା ସଭାରେ, ପ୍ରଭୁ ସେହି ଅଞ୍ଚଳରେ ଆମର ନିଜସ୍ୱ ଏକ ପ୍ରଶସ୍ତ ଗୃହ ଯୋଗାଇବେ ବୋଲି ତାଙ୍କୁ ବିଶ୍ୱାସ କରିବା ପାଇଁ ମୋ' ଆତ୍ମାରେ ଅପ୍ରତ୍ୟାଶିତ ଭାବରେ ଓ ଶକ୍ତିପୂର୍ଣ୍ଣ ଭାବରେ କଥା କହିଥିଲେ । ସେ ମୋତେ ଏହି କଥା ସମବେତ ମଣ୍ଡଳୀକୁ ଜଣାଇବା ପାଇଁ ଓ ସେମାନଙ୍କର ପ୍ରାର୍ଥନା ସହାୟତା ଲୋଡ଼ିବା ପାଇଁ ଚାଳନା ଦେଇଥିଲେ । ଉପାସନା ସମୟରେ, ମୁଁ ପ୍ରଭୁଙ୍କର ବାଧ୍ୟ ହୋଇ, ଏହି ଦର୍ଶନ ବିଷୟରେ ଜଣାଇଥିଲି ।

*ମାତ୍ର ଲୋକମାନେ ଏହା ଶୁଣି ଅବିଶ୍ୱାସ କଲେ ଓ ମୋତେ ଉପହାସ କଲେ ।*

*କେତେଜଣ ମୋତେ ବିଦ୍ରୂପଭରା ଚାହାଣୀରେ ଚାହିଁଲେ ।*

*ଅନ୍ୟମାନେ ପ୍ରଶ୍ନ କଲେ, "ଆମର ଖରାପ ଅର୍ଥନୈତିକ ପରିସ୍ଥିତି ସତ୍ତ୍ୱେ, ଗୋଟିଏ ଭୂସଂପତ୍ତି କ୍ରୟ କରିବା ଆମ ପକ୍ଷେ ସମ୍ଭବ କି ?"*

*କେତେଜଣ ଏହା କହି ଆଧାତ୍ମିକ ଚାପ ଯୋଗ କରିଥିଲେ, "ଯଦିଓ ଆମ ପାଖରେ ଟଙ୍କା ଆସିବ, ତଥାପି ଏହିପରି ଏକ ଜନବହୁଳ ଅଞ୍ଚଳରେ ଆମେ କେଉଁଠାରୁ ବିକ୍ରୟଯୋଗ୍ୟ ଜମି ପାଇବା ?"*

ଅନ୍ୟ କେତେ ଜଣ ମୋତେ ସମାଲୋଚନା କରି ପଚାରିଲେ, "ଈଶ୍ୱରଙ୍କର ଜଣେ ବ୍ୟକ୍ତି ଈଶ୍ୱରଙ୍କ ନାମରେ ଏହିପରି ଅବାସ୍ତବ କଥା କହିବା ଠିକ୍ କି ?

ଏହି ସମସ୍ତ ପ୍ରତିକ୍ରିୟା ମୋତେ ବଡ଼ ଦ୍ୱନ୍ଦ୍ୱ ଓ ନିରୁତ୍ସାହ ମଧ୍ୟକୁ ଠେଲି ଦେଇଥିଲା । ଜଣେ ବ୍ୟକ୍ତି ମଧ୍ୟ ବିଶ୍ୱାସର ଏହି ପଦକ୍ଷେପକୁ ଗ୍ରହଣ କରିବାରେ ମୋ' ସହିତ ଠିଆ ହେଲେ ନାହିଁ । ସାଧାରଣ ଜନତା ଏହି ସିଦ୍ଧାନ୍ତ ନେଇଥିଲେ ଯେ ଖ୍ରୀଷ୍ଟିଆନ ପ୍ରଚାରକମାନଙ୍କ ନିକଟରେ ଅବାସ୍ତବ ଓ ଅଗ୍ରହଣୀୟ କାହାଣୀ ସବୁ କହିବା ଅପେକ୍ଷା ଅଧିକ ଉତ୍ତମତର ବିଷୟ କିଛି ନାହିଁ । ସେମାନେ ଈଶ୍ୱରଙ୍କ ଦର୍ଶନକୁ ଚିହ୍ନିବାରେ ବିଫଳ ହୋଇଥିଲେ ।

ତଥାପି ମୁଁ ନିରୁତ୍ସାହିତ ହୋଇ ନ ଥିଲି । ଏହା ପରିବର୍ତ୍ତେ, ପ୍ରଭୁ ମୋତେ ସାନ୍ତ୍ୱନା ଦେଇଥିଲେ ଓ ତାଙ୍କ ଉପରେ, ଅର୍ଥାତ୍ – ଆମ ବିଶ୍ୱାସର ଆଦିକର୍ତ୍ତା ଓ ସିଦ୍ଧିଦାତାଙ୍କ ଉପରେ ଦୃଢ଼ ଭାବରେ ଆଉଜିବା ପାଇଁ ମୋତେ ଅନୁଗ୍ରହ ଦେଇଥିଲେ (ଏବ୍ରୀ ୧୨:୨) । ସେ ମୋର ହୃଦୟକୁ ତାଙ୍କ ବାକ୍ୟ ମାଧ୍ୟମରେ ଶକ୍ତିଯୁକ୍ତ କରିଥିଲେ ।

"ହେ କୀଟସ୍ୱରୂପ ଯାକୁବ ଓ ହେ ଇସ୍ରାଏଲୀୟ ନରଗଣ, ଭୟ କର ନାହିଁ, ସଦାପ୍ରଭୁ କହନ୍ତି, ଆମ୍ଭେ ତୁମ୍ଭର ସାହାଯ୍ୟ କରିବା ଓ ଇସ୍ରାଏଲର ଧର୍ମସ୍ୱରୂପ ତୁମ୍ଭର ମୁକ୍ତିଦାତା ଅଟନ୍ତି । ଦେଖ, ଆମ୍ଭେ ତୁମ୍ଭକୁ ତୀକ୍ଷ୍ଣ କ୍ଷୁରୀକା ବିଶିଷ୍ଟ ଏକ ନୂତନ ଶସ୍ୟ-ମର୍ଦ୍ଦନ ଯନ୍ତ୍ର ସ୍ୱରୂପ କରିବା, ତୁମ୍ଭେ ପର୍ବତଗଣକୁ ମର୍ଦ୍ଦନ କରି ଚୂର୍ଣ୍ଣ କରିବ ଓ ଉପପର୍ବତଗଣକୁ ଭୁଷି ତୁଲ୍ୟ କରିବ" (ଯିଶାଇୟ ୪୧:୧୪,୧୫) ।

ଦିନ ସବୁ ଅତିକ୍ରାନ୍ତ ହେଲା । ଈଶ୍ୱର ସମସ୍ତ ଲୋକଙ୍କ ସାକ୍ଷାତ୍‌ରେ ମୋତେ ସମ୍ମାନିତ କରିଥିଲେ ଓ ଅନୁଗ୍ରହ ପୂର୍ବକ ସେବାକାର୍ଯ୍ୟ ନିମନ୍ତେ ମୋତେ ସେହି ସ୍ଥାନ ଯୋଗାଇଥିଲେ ଯେଉଁ ସ୍ଥାନରେ ସେ ମୋତେ ଦର୍ଶନ ଦେଇଥିଲେ ।

ମାତ୍ର ମୁଁ ସେହି ସ୍ଥାନ ପାଇବା ପରେ, ଲୋକମାନେ ଯେପରି ଆଶା କରିଥିଲେ, ସେହିପରି ସେହି ସଂପତ୍ତି କ୍ରୟ କରିବା ନିମନ୍ତେ ମୋ' ପାଖରେ ଅର୍ଥ ନ ଥିଲା । ମୁଁ ବିଭିନ୍ନ ପରିଚିତ ସ୍ଥାନଗୁଡ଼ିକରୁ ସାହାଯ୍ୟ ଅନ୍ୱେଷଣ କଲି, ମାତ୍ର ମୁଁ ଅର୍ଥନୈତିକ ଭାବରେ ଅତି ଦରିଦ୍ର ହୋଇଥିବାରୁ, କେହି ସାହାଯ୍ୟ ପାଇଁ ଆଗକୁ ଆସି ନ ଥିଲେ । ଏହି ନୈରାଶ୍ୟଜନକ ପରିସ୍ଥିତିରେ, ମୁଁ ସେହି ସମୟରେ ସରକାରୀ ଚାକିରୀ କରୁଥିବାରୁ, ସେହି ସଂପତ୍ତି କ୍ରୟ କରିବା ପାଇଁ ସରକାର ମୋତେ ଗୋଟିଏ ବ୍ୟକ୍ତିଗତ ଗୃହ ଋଣ ପ୍ରଦାନ କରିଥିଲେ । ଏହାକୁ ସମ୍ଭବ କରିବା ପାଇଁ, ଈଶ୍ୱର ଜଣେ ଅଣ-ଖ୍ରୀଷ୍ଟିଆନ ବନ୍ଧୁ, ଶ୍ରୀଯୁକ୍ତ କାନ୍ନାନ୍ ଓ ଜଣେ ଖ୍ରୀଷ୍ଟିଆନ ଭାଇ, ଶ୍ରୀଯୁକ୍ତ ଏମ୍.ପି.ଜେୟା କୁମାରଙ୍କୁ ବ୍ୟବହାର କରିଥିଲେ ।

ଯୀଶୁ ଖ୍ରୀଷ୍ଟ ବିଶ୍ୱସ୍ତ ଅଟନ୍ତି । ଯୀଶୁ ଖ୍ରୀଷ୍ଟ ସବୁ ସମୟରେ ଉତ୍ତମ ଅଟନ୍ତି – ସବୁ ସମୟରେ ଯୀଶୁ ଖ୍ରୀଷ୍ଟ ଉତ୍ତମ ଅଟନ୍ତି । ଆମେ କେତେ ଆଶ୍ଚର୍ଯ୍ୟଜନକ ପରମେଶ୍ୱରଙ୍କର ସେବା କରୁଅଛୁ । "ଆହେ ସଦାପ୍ରଭୁ ଯେ ମଙ୍ଗଳମୟ, ଏହା ଆସ୍ୱାଦନ କରି ଦେଖ ..." (ଗୀତସଂହିତା ୩୪:୮) ।

ଏପରିକି, ଆଜି ମୁଁ ଏହି ବାର୍ତ୍ତାକୁ ଲେଖୁଥିବା ସମୟରେ, ମୋର ଜୀବନ ସେହିପରି ଅସମତଳ, ପଥୁରିଆ ଓ ଅସୁବିଧାରେ ପୂର୍ଣ୍ଣ ହୋଇ ରହିଛି । ମୁଁ ଅନେକ ଈଶ୍ବର – ପ୍ରଦତ୍ତ ସେବାକାର୍ଯ୍ୟ, ଯଥା – ୧୬ଟି ଭାଷାରେ ପ୍ରକାଶିତ ଆହ୍ବାନର ପ୍ରତିଧ୍ବନି ମାସିକ ପତ୍ରିକା, ବାଇବଲ କୋର ନାମକ କରେସପଣ୍ଡେସ ପାଠ୍ୟକ୍ରମ ଓ ୩ଟି ଭାଷାରେ ତାଲିମ ପାଠ୍ୟକ୍ରମ, ନିହିମିୟା ବାଇବଲ କଲେଜ, ପ୍ରତ୍ୟେକ ରବିବାର ସାତଟି ଉପାସନା ସଭା ସହିତ ମୁଖ୍ୟ ମଣ୍ଡଳୀ, ସେଣ୍ଟ ପଲ୍‌ସ ମ୍ୟାଟ୍ରିକୁଲେସନ ସ୍କୁଲ (ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ), ସୁସମାଚାର ଛାପାଖାନା ଓ ସେଗୁଡ଼ିକ ସହିତ ସଂପୃକ୍ତ ସମସ୍ତ ପ୍ରଶାସନିକ ଦାୟିତ୍ବ, ଇତ୍ୟାଦିର ପରିଚାଳନା କରୁଥିବା ସମୟରେ, କଷ୍ଟ ଓ ଅବ୍ୟକ୍ତ ଭାରଗୁଡ଼ିକ ଦ୍ବାରା ଚାପଗ୍ରସ୍ତ ହେଉଅଛି ।

ମୁଁ ଉଭୟ ସେବାକାର୍ଯ୍ୟ ଓ ପରିଚାଳନା କାର୍ଯ୍ୟରେ ଅକଥନୀୟ ବ୍ୟକ୍ତିଗତ ସଂଘର୍ଷ, ଆହ୍ବାନ ଓ ବିଫଳତାଗୁଡ଼ିକର ସମ୍ମୁଖୀନ ହେଉଅଛି । ଅନେକ ରାତ୍ରି ବିନିଦ୍ରାରେ କଟିଛି ଓ ଅନେକ ରାତ୍ରିରେ ମୁଁ ଶୟନ ନ କରିଥିଲେ ବରଂ ଭଲ ହୋଇଥାଆନ୍ତା । ଏହି ସମସ୍ତ କଷ୍ଟ ମଧ୍ୟରେ, ମୁଁ ଏହା ଶିକ୍ଷା କରିଛି ଯେ କେବଳ ପ୍ରଭୁ ଯୀଶୁ ଖ୍ରୀଷ୍ଟ ହିଁ ବିଶ୍ବସ୍ତ ଅଟନ୍ତି ଓ ଏହି ଅନ୍ଧକାର, ମନ୍ଦ ବିଷୟର ଚାପ ଓ ଅନିଶ୍ଚିତତାରେ ପରିପୂର୍ଣ୍ଣ ଏହି ଜଗତରେ ଏକମାତ୍ର ନିର୍ଭରଯୋଗ୍ୟ ଅଟନ୍ତି । ମୁଁ ବ୍ୟକ୍ତିଗତ ଭାବରେ ତାଙ୍କର ଅବ୍ୟର୍ଥ ଚାଳନା ଓ ସ୍ବର୍ଗୀୟ ସାହାଯ୍ୟର ଅନୁଭୂତି ପାଇଅଛି ।

ଗୋଟିଏ ଅତି-ପରିଚିତ ସ୍ତୁତି ଗୀତର ନିମ୍ନଲିଖିତ ଧାଡ଼ିଗୁଡ଼ିକର ଭାବାର୍ଥ ମୋର ଯାତ୍ରାକୁ ପରିପ୍ରକାଶ କରିଅଛି :

*"ଦୟାକରି ପରିବେଷ୍ଟିତ ଅନ୍ଧକାର ମଧ୍ୟରେ ଆଲୋକ ଦେଖାଅ, ମୋତେ କଢ଼ାଇ ନିଅ । ରାତ୍ରି ଅନ୍ଧକାର ଓ ମୁଁ ଗୃହଠାରୁ ଦୂରରେ ଅଛି, ମୋତେ ଆଗକୁ କଢ଼ାଇ ନିଅ । ମୋର ପାଦ ଦୁଇଟିକୁ ଧରି ରଖ, ମୁଁ ଦୂରବର୍ତ୍ତୀ ଦୃଶ୍ୟକୁ ଦେଖିବା ପାଇଁ କହୁ ନାହିଁ, ଗୋଟିଏ ପାଦ ମୋ' ପାଇଁ ଯଥେଷ୍ଟ ଅଟେ ।"*

ମୋର ଦୈନିକ ଜୀବନ ପରୀକ୍ଷା ଓ କଷ୍ଟରେ ପରିପୂର୍ଣ୍ଣ ଅଟେ, ତଥାପି ମୋ' ନିକଟରେ ଏହି ଭରସା ଅଛି ଯେ ଯେତେବେଳେ ମୁଁ ଏହି ପୃଥିବୀରେ ମୋର କାର୍ଯ୍ୟ ସଂପୂର୍ଣ୍ଣ କରିବି,



ସେତେବେଳେ ମୁଁ ମୋର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ସମ୍ମୁଖା ସମ୍ମୁଖି ଦେଖିବା ପାଇଁ ମୋର ସ୍ବର୍ଗୀୟ ଗୃହରେ ପ୍ରବେଶ କରିବି ଓ ସେହି ଗୌରବମୟ ମୁହୂର୍ତ୍ତରେ, ତାଙ୍କୁ କୁଣ୍ଢାଇ ଧରି, ମୋର ସମସ୍ତ ପାର୍ଥିବ ଅନୁଭୂତିଗୁଡ଼ିକୁ ତାଙ୍କୁ ଜଣାଇବି । ମୁଁ ଆଗ୍ରହର ସହିତ ସେହି ସୁନ୍ଦର ଦିନକୁ ଅପେକ୍ଷା କରୁଅଛି । ସେହି ଦିନଟି ସର୍ବାଧିକ ଆଶୀର୍ବାଦର ଦିନ ହେବ । ସେହି ଦିନଟି ସର୍ବଶ୍ରେଷ୍ଠ ଦିନ ହେବ ।

ପ୍ରିୟ ବନ୍ଧୁ, ଆପଣଙ୍କ ନିକଟରେ ଏହି ଭରସା ଓ ଇଚ୍ଛା ଅଛି କି ?

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

### ଦାଉଦଙ୍କ ପରି, ଯେତେବେଳେ ଆପଣ :

ଈଶ୍ବରଙ୍କୁ ପ୍ରାଧାନ୍ୟ ଦେବେ

ଏକ ପୂର୍ଣ୍ଣବାଧ୍ୟ ମନୋଭାବ ନେଇ ବଞ୍ଚିବେ

ଆପଣଙ୍କ ନିକଟରେ ଥିବା ସମସ୍ତ ବିଷୟ ଦ୍ବାରା ତାଙ୍କୁ ସମ୍ମାନ ଦେବେ,

... ସେତେବେଳେ ଆପଣ ଆପଣଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଈଶ୍ବରଙ୍କର ଅଲୌକିକ ଦୟା ଓ ବିଜୟକୁ ଦେଖିବେ ।



*ଆପଣ ଆପଣଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଈଶ୍ବରଙ୍କର ଅଲୌକିକ ଦୟା ଓ ବିଜୟକୁ ଦେଖିବେ ।*



*ଦାଉଦ ଯେଉଁଆଡ଼େ ଗଲେ, ସଦାପ୍ରଭୁ ତାଙ୍କୁ ଜୟଦାନ କରିଥିଲେ ।*

"... ଦାଉଦ ଯେଉଁଆଡେ ଗଲେ, ସଦାପ୍ରଭୁ ତାଙ୍କୁ ଜୟଦାନ କଲେ..." (୨ ଶାମୁୟେଲ ୮:୬) ।

୨୦୨୬ରେ, ଏହା ଆପଣଙ୍କ ମଧ୍ୟ ସାକ୍ଷ୍ୟ ହେଉ, ଯେପରି ସଦାପ୍ରଭୁ ଆପଣଙ୍କୁ ପ୍ରତ୍ୟେକ ସ୍ଥାନରେ ବିଜୟ ପ୍ରଦାନ କରିବେ ।

ବିଜୟ ଯେଉଁ ସ୍ଥାନ ଭୟ ଆଣିଥିଲା, ତାହା ଆପଣଙ୍କ ବିଶ୍ବାସର ଦୃଢ଼ ଗଡ଼ ହେଉ ।




ଈଶ୍ବର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ଓ ଆପଣମାନଙ୍କୁ ଏକ ବିଜୟୀ ନୂତନ ବର୍ଷ ପାଇଁ ଶୁଭକାମନା ।


**ବିଜ୍ଞାପନ**

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୭୯୮୫୮),
(୯୧-୯୮୪୧୨୭୯୮୫୮)
(ମୁଖ୍ୟ ନମ୍ବର) – ସଂରକ୍ଷିତ ରଖନ୍ତୁ ।

ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## OUR BANK DETAILS:

### 1. Bank : State Bank of India

Branch : Triplicane, Chennai-5
Name : S. Sam Selva Raj
A/C No. : 1023 2934 679
IFSC : SBIN 00 00 249
SWIFT CODE : SBI NIN BB 455

### 2. Bank : ICICI Bank

Branch : Anna Salai, Chennai-6
Name : Echo of His Call
A/C No. : 6038 0502 2319
IFSC : ICIC 000 6038

### 3. Bank : State Bank of India

(This Account is for Tax Exemption for Indians only )

Branch : Triplicane, Chennai-5
Name : Echo of His Call Educational Trust
A/C No. : 1023 2923 805
IFSC : SBIN 00 00 249

## OUR QR CODE:

ECHO OF HIS CALL

Google Pay: 98410 71858
PayPal : SAM SELVA RAJ
*****
E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/24-26
Licence No. WPP. No. TN/PMG(CCR)/WPP-265/24-26
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS Patrika Channel"
on 19th JANUARY 2026.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

*JESUS LOVES YOU!*

To

GOD BLESS YOU!

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**